# NATIONAL NEWS BULLETIN (ODIA)

## 21 January-2025

### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥଗ୍ରହଣ କଲେ ଡୋନାଲ୍ଡ ଟ୍ରମ୍ପ୍ ।

– ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆଜିଠାରୁ ଆରମ୍ଭ ହେବ ପ୍ରଧାନମନ୍ତ୍ରୀ ଜନମାନ ସମ୍ମିଳନୀ ।

- ଗଣତନ୍ତ୍ର ଦିବସ ପରେଡ୍‌ରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ଏବଂ ଜନଭାଗିଦାରୀ ଉପରେ ବିଶେଷ ଧ୍ୟାନ ଦିଆଯିବା ନେଇ ସୂଚନା ।

- ମହିଳା କ୍ରିକେଟ୍ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଦ୍ୱିତୀୟ ସଂସ୍କରଣରେ ଆଜି ମୁହାଁମୁହିଁ ହେବେ ଭାରତ ଏବଂ ମାଲେସିଆ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ସୁରମା ହକି କ୍ଲବ୍ ଏବଂ ଓଡ଼ିଶା ୱାରିୟର୍ସ୍ ଓ ପୁରୁଷ ବର୍ଗରେ ୟୁ.ପି. ରୁଦ୍ରାସ୍ ଏବଂ ଟିମ୍ ଗୋନାସିକା ମଧ୍ୟରେ ଆଜି ହେବ ମୁକାବିଲା ।

## ଟ୍ରମ୍ପ୍-ଓଥ୍

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟଥର ପାଇଁ ଶପଥ ଗ୍ରହଣ କରିଛନ୍ତି । ଗତକାଲି ରାତିରେ ୱାଶିଂଟନ୍ ଡିସି ସ୍ଥିତ କ୍ୟାପିଟାଲ୍ ରୋଟୁଣ୍ଡାରେ ପ୍ରଧାନ ବିଚାରପତି ଜନ୍ ରବର୍ଟସ୍ ତାଙ୍କୁ ଶପଥପାଠ କରାଇଥିଲେ । ଜେ.ଡି. ଭାନ୍ସଙ୍କୁ ଉପରାଷ୍ଟ୍ରପତି ଭାବେ ଜଷ୍ଟିସ୍ ବ୍ରେକ୍ କାଭାନୋ ଶପଥପାଠ କରାଇଥିଲେ । ୪୦ ବର୍ଷୀୟ ଭାନ୍ସ ଆମେରିକାର ୫୦ତମ ତଥା ଆମେରିକା ଇତିହାସରେ ତୃତୀୟ ସର୍ବକନିଷ୍ଠ ଉପରାଷ୍ଟ୍ରପତି ହୋଇଛନ୍ତି ।

ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କ ଉଦ୍‌ଘାଟନୀ ଭାଷଣରେ ଜରୁରୀ ସାମଗ୍ରୀ ଗୁଡ଼ିକର ମୂଲ୍ୟ ହ୍ରାସ ପାଇଁ ଜାତୀୟ ଶକ୍ତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ସେ କହିଛନ୍ତି, ମୁଦ୍ରାସ୍ଫିତି ସଂକଟ, ଅତ୍ୟଧିକ ଖର୍ଚ୍ଚ ଏବଂ ଶକ୍ତି ମୂଲ୍ୟ ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଛି । ନୂତନ ରାଷ୍ଟ୍ରପତି ମଧ ତାଙ୍କ କ୍ୟାବିନେଟ୍‌କୁ ବିଭିନ୍ନ ସାମଗ୍ରୀର ମୂଲ୍ୟ ହ୍ରାସ କରିବା ପାଇଁ ପଦକ୍ଷେପ

ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ତାଙ୍କ ଦେଶରେ ସୁବର୍ଣ୍ଣଯୁଗ ଆରମ୍ଭ ହୋଇଛି ଏବଂ ଆମେରିକାବାସୀ ତାଙ୍କୁ ରାଷ୍ଟ୍ରପତି ଭାବେ ନିର୍ବାଚିତ କରିଥିବାରୁ ସେ ଆମେରିକାକୁ ସମସ୍ତ କ୍ଷେତ୍ରରେ ପ୍ରାଥମିକତା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ସ୍ୱଚ୍ଛ ଶକ୍ତି ପ୍ରୟାସକୁ ପ୍ରତ୍ୟାହାର କରିବା ସମେତ ଅନେକ ପଦକ୍ଷେପ ସମ୍ପର୍କରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ସେ ଗ୍ରୀନ୍ ନ୍ୟୁ ଡିଲ୍‌କୁ ଶେଷ କରିବେ ଏବଂ ଇଲେକ୍ଟ୍ରିକ୍ ଯାନ ସମ୍ପର୍କିତ ଆଦେଶକୁ ପ୍ରତ୍ୟାହାର କରିବେ । ସେ କହିଛନ୍ତି, ଏହି ପଦକ୍ଷେପ ଗୁଡ଼ିକ ଅଟୋ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଆମେରିକାର ଅଟୋ ଶ୍ରମିକମାନଙ୍କୁ ସେ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିବ ।

ଅନ୍ୟ ପକ୍ଷରେ ଆମେରିକା ଶ୍ରମିକ ଏବଂ ସେମାନଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ବାଣିଜ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ଶ୍ରୀ ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ବୈଦେଶିକ ରାଜସ୍ୱ ସେବା ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ବିଦେଶୀ ଉତ୍ସରୁ ଦେଶର ରାଜକୋଷକୁ ବିପୁଳ ପରିମାଣର ଅର୍ଥ ଆସିପାରିବ । ଅନ୍ୟ ପକ୍ଷରେ ନ୍ୟାୟିକ ବିଭାଗର ପୁନଃ ସନ୍ତୁଳନ ଲାଗି ପଦକ୍ଷେପ ଗ୍ରହଣ କରାଯିବ ଏବଂ ଅସ୍ତ୍ରଶସ୍ତ୍ରର ମାତ୍ରାଧିକ ବ୍ୟବହାର ଉପରେ କଟକଣା ଜାରି କରାଯିବ ବୋଲି ସେ କହିଛନ୍ତି । ଏହି

ଅବସରରେ ରାଷ୍ଟ୍ରପତି ଟ୍ରମ୍ପ୍ ମେକ୍ସିକୋ ଉପସାଗରର ନାମ ପରିବର୍ତ୍ତନ କରି ଆମେରିକା ଉପସାଗର କରିବାକୁ ଘୋଷଣା କରିଛନ୍ତି ।

ନୂତନ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଆମେରିକାର ସଂଗୀତ ତାରକା କ୍ୟାରି ଅଣ୍ଡରଉଡ୍ 'ଆମେରିକା ଦ ବ୍ୟୁଟିଫୁଲ୍' ଗୀତ ପରିବେଷଣ କରିଥିଲେ । ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲି, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଇକୁଏଡର ରାଷ୍ଟ୍ରପତି ଡାନିଏଲ୍ ନୋବୁଆ, ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜେଆର୍ ବୋଲ୍‌ସୋନାରୋ, ପୋଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ମେଟି ୟୁଜ୍ ମୋରା ଓ୍ୱିକି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପିଏମ୍-ଟ୍ରମ୍ପ୍

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ଏକାଠି କାମ କରିବାକୁ ଚାହୁଁଛନ୍ତି, ଯାହାଦ୍ୱାରା ବିଶ୍ୱର ଉନ୍ନତ ଭବିଷ୍ୟତ ଗଠନ ହୋଇପାରିବ । ଆଗାମୀ ଦିନରେ ସଫଳ

କାର୍ଯ୍ୟକାଳ ପାଇଁ ଆମେରିକା ରାଷ୍ଟ୍ରପତିଙ୍କୁ ଶ୍ରୀ ମୋଦୀ ଶୁଭେଚ୍ଛା ଜଣାଇଛନ୍ତି ।

## ଭାନ୍ସ-ଭିପି

ଆମେରିକାର ୫୦ତମ ଉପରାଷ୍ଟ୍ରପତି ଭାବେ ଜେ.ଡି. ଭାନ୍ସ ଶପଥ ନେବା ପରେ ଉଷା ଭାନ୍ସ ପ୍ରଥମ ଭାରତୀୟ-ଆମେରିକୀୟ ଏବଂ ଦ୍ୱିତୀୟ ହିନ୍ଦୁ ମହିଳା ଭାବେ ଇତିହାସ ରଚିଛନ୍ତି । ଶପଥ ଗ୍ରହଣ ସମାରୋହ ସମୟରେ ଉଷା ଭାନ୍ସ ଗୋଟିଏ ହାତରେ ବାଇବେଲ୍ ଏବଂ ଅନ୍ୟ ହାତରେ ଝିଅ ମୀରାବେଲ୍ ରୋଜ୍‌ଙ୍କୁ ଧରିଥିବା ବେଳେ ତାଙ୍କ ସ୍ୱାମୀ ଜେ.ଡି. ଭାନ୍ସ ଶପଥ ଗ୍ରହଣ କରିଥିଲେ । ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଷା ଭାନ୍ସଙ୍କୁ ପ୍ରଶଂସା କରି କହିଥିଲେ, ସେ ତାଙ୍କ ସ୍ୱାମୀଙ୍କ ଠାରୁ ଅଧିକ ସ୍ମାର୍ଟ୍ ଅଟନ୍ତି ।

ଉଷା ଭାନ୍ସ ହେଉଛନ୍ତି, ଭାରତର ଜଣେ ତେଲୁଗୁ ପ୍ରବାସୀ । ସେ ଏରସ୍ପେସ୍ ଇଞ୍ଜିନିୟର୍ ରାଧାକ୍ରିଷ୍ଣ କ୍ରିସ୍ ଚିଲୁକୁରି ଏବଂ ସାନଡିଆଗୋ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରୋଫେସର ଲକ୍ଷ୍ମୀ ଚିଲୁକୁରୀଙ୍କ ଝିଅ ।

# ପିଏମ୍ ଜନମାନ କନ୍‌ଫରେନ୍ସ

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ଭାରତ ମଣ୍ଡପମ୍ ଠାରେ ପ୍ରଧାନମନ୍ତ୍ରୀ ଜନମାନ ସମ୍ମିଳନୀ ଅନୁଷ୍ଠିତ ହେବ । ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଏବଂ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଏଥିରେ ଯୋଗଦେବେ । ଏହି ସମ୍ମିଳନୀରେ ଗ୍ରାମୀଣ ଉନ୍ନୟନ, ହଷ୍ଟେଲ୍, ପାନୀୟ ଜଳ, ଅଙ୍ଗନବାଡ଼ି ପରିଚାଳନା ଏବଂ ବହୁମୁଖୀ କେନ୍ଦ୍ର ଗୁଡ଼ିକର କାର୍ଯ୍ୟକାରିତା ସମେତ ୬ଟି ପ୍ରମୁଖ କ୍ଷେତ୍ର ଉପରେ ଆଲୋଚନା କରାଯିବ । ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି, ବିଭିନ୍ନ ଜିଲ୍ଲାରେ ଥିବା ସମ୍ଭାବନା ଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା । ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସମାଜର ସମସ୍ତଙ୍କ କ୍ଷେତ୍ରରେ ଯେପରି ଲାଭ ପହଞ୍ଚିପାରିବ ତାହା ସୁନିଶ୍ଚିତ କରିବା ପାଇଁ ସମ୍ମିଳନୀରେ ଆଲୋଚନା କରାଯିବ ।

ସୂଚନା ଅନୁଯାୟୀ ୧୮ଟି ରାଜ୍ୟର ୮୮ଟି ଜିଲ୍ଲା ଏହି ଆଲୋଚନାରେ ଭାଗ ନେବେ । ଏଥିରେ ପ୍ରଧାନମନ୍ତ୍ରୀ ଜନମାନର କାର୍ଯ୍ୟକାରିତା ପାଇଁ ଯୋଜନା ପ୍ରସ୍ତୁତ କରାଯିବ ।

# ଡିଫେନ୍ସ-ରିପବ୍ଲିକ୍ ଡେ

ଗଣତନ୍ତ୍ର ଦିବସ ପରେଡ୍ ୨୦୨୫ରେ ଭାରତର ସାଂସ୍କୃତିକ ବିବିଧତା ଓ ସାମରିକ ଦକ୍ଷତା ପ୍ରଦର୍ଶନ କରାଯିବ । ଏଥିରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ଏବଂ ଜନଭାଗିଦାରୀ ଉପରେ ବିଶେଷ ଧ୍ୟାନ ଦିଆଯିବ । ଚଳିତ ବର୍ଷ ପରେଡ୍‌ରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

ଗତକାଲି ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ଭାରତୀୟ ସଶସ୍ତ୍ର ବାହିନୀର ଏକ ଦଳ ସହିତ କର୍ତ୍ତବ୍ୟପଥରେ ଇଣ୍ଡୋନେସିଆର ୧୦୦ ଜଣିଆ ମାର୍ଚ୍ଚିଂ କଣ୍ଟିଜେଣ୍ଟ ଏବଂ ୧୯୦ ଜଣିଆ ବ୍ୟାଣ୍ଡ୍ କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ । ପରେଡ୍‌ରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଓ ବିଭାଗର ୩୧ଟି ପ୍ରଜ୍ଞାପନମେଢ଼ ମଧ୍ୟ ଅଂଶଗ୍ରହଣ କରିବେ । ଏହିସବୁ ପ୍ରଜ୍ଞାପନମେଢ଼ ଗୁଡ଼ିକ ସ୍ୱର୍ଣ୍ଣିମ ଭାରତର କଳା, ସଂସ୍କୃତି ଓ ଅନ୍ୟାନ୍ୟ ବିଷୟବସ୍ତୁଗୁଡ଼ିକ ପ୍ରଦର୍ଶନ କରିବେ ।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପରେଡ୍ ସମୟରେ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ବିଷୟ ନେଇ ଦୁଇଟି ପ୍ରଜ୍ଞାପନମେଢ଼ ପ୍ରଦର୍ଶନ କରାଯିବ ଏବଂ ସ୍ୱତନ୍ତ୍ର ବାର୍ତ୍ତା ଥିବା ବେଲୁନ୍ ଉନ୍ମୋଚନ ହେବ ।

ଏହି ଅବସରରେ ଦେଶର ୩୪ଟି ବର୍ଗର ୧୦ ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନାରେ

କୃତିତ୍ୱ ଅର୍ଜନ କରିଥିବା ସରପଞ୍ଚମାନଙ୍କୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମନୋନୀତ କରାଯାଇଛି ।

## ମହାକୁମ୍ଭ-ଫରେନ୍ ଜର୍ଣ୍ଣାଲିଷ୍ଟ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଉତ୍ତର ପ୍ରଦେଶ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବିଦେଶୀ ସାମ୍ବାଦିକମାନଙ୍କ ସହ ଚଳିତ ମହାକୁମ୍ଭ ମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି । ଅଧିକାରୀମାନେ ମହାକୁମ୍ଭର ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ମହତ୍ୱ ବିଷୟରେ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଦେଇଥିଲେ ।

ଆଲୋଚନା ସମୟରେ ଉତ୍ତରପ୍ରଦେଶ ସରକାରଙ୍କ ପ୍ରତିନିଧିମାନେ କହିଥିଲେ, ମହାକୁମ୍ଭରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସଂଖ୍ୟାରେ ବିଶ୍ୱର ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ତୁଳନାରେ ଆଗରେ ରହିବ । ବ୍ରାଜିଲ୍‌ର ରିଓ କାର୍ଣ୍ଣିଭାଲ୍‌ରେ ୭୦ ଲକ୍ଷ, ହଜ୍ ଯାତ୍ରାରେ ୨୫ ଲକ୍ଷ ଏବଂ ଜର୍ମାନ୍‌ର ଅକ୍ଟୋବର ଫେଷ୍ଟରେ ୭୨ ଲକ୍ଷ ଲୋକ ଏକତ୍ରିତ ହେଉଥିବା ବେଳେ ମହାକୁମ୍ଭରେ ଚଳିତ ବର୍ଷ ୪୫ କୋଟି ଲୋକ ଯୋଗଦେବେ ବୋଲି ଆକଳନ କରାଯାଇଛି । ଏହା ବିଶ୍ୱର ଅନ୍ୟତମ ବୃହତମ ସମାବେଶ

ଭାବରେ ମହାକୁମ୍ଭର ବ୍ୟାପକତା ଓ ବିଶ୍ୱସ୍ତରୀୟ ମହତ୍ୱକୁ ସୁଚାଉଛି ବୋଲି କୁହାଯାଇଛି ।

ସରକାରୀ ଆକଳନ ଅନୁଯାୟୀ ଚଳିତ ମହାକୁମ୍ଭରେ ୧୫ ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କ ସମେତ ୪୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେବେ ବୋଲି ଆଶା କରାଯାଉଛି । ୨୦୧୯ରେ ଅନୁଷ୍ଠିତ କୁମ୍ଭମେଳାରେ ୨୫ କୋଟି ଲୋକ ଯୋଗ ଦେଇଥିଲେ । ଚଳିତ ମାସ ୧୩ ତାରିଖରୁ ପ୍ରୟାଗରାଜ ଠାରେ ଆରମ୍ଭ ହୋଇଥିବା ମହାକୁମ୍ଭମେଳା ଆସନ୍ତା ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମେଳାକୁ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି, ଯାହା ଭାରତର ଅର୍ଥନୀତିରେ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲାଭ ଦେବ । ଉତ୍ତର ପ୍ରଦେଶର ଜି.ଡି.ପି. ମଧ୍ୟ ୧ ପ୍ରତିଶତରୁ ଅଧିକ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

## ସିଇଏ ସାଇଟ୍ରେସନ୍

ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଭି ଅନନ୍ତ ନାଗେଶ୍ୱରନ୍ କହିଛନ୍ତି, କୃଷି ହେଉଛି ଦେଶ ପାଇଁ ଭବିଷ୍ୟତର କ୍ଷେତ୍ର । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ୍‌ଜିମ୍ ବ୍ୟାଙ୍କ୍‌ର ବାର୍ଷିକ ସମାରୋହରେ ଉଦ୍‌ବୋଧନ ଦେଇ କୃଷି କ୍ଷେତ୍ର ଉନ୍ନତ ପ୍ରଦର୍ଶନ କରୁଥିବା କହିଛନ୍ତି । ସେ କହିଛନ୍ତି, କୃଷି କ୍ଷେତ୍ରରେ ଜମି ପୁନଃ ଆବଣ୍ଟନ ଜରୁରୀ । ଆଇ.ଟି. ସକ୍ଷମ ସେବାରେ

ଭାରତର ରପ୍ତାନୀ ଏବଂ ଦେଶର ଜି.ଡି.ପି. କ୍ଷେତ୍ରରେ ଦେଶ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି ।

## କ୍ରିକେଟ୍-ଅଣ୍ଡର ନାଇଣ୍ଟିନ୍

ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା କ୍ରିକେଟ୍ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଆଜି ଭାରତ ଏବଂ ମାଲେସିଆ ମଧ୍ୟରେ ମ୍ୟାଚ୍ ଖେଳାଯିବ । କୁଆଲାଲାମ୍‌ପୁରର ବୟୁମାସ୍ ଓଭାଲ୍ ଷ୍ଟାଡିୟମ୍‌ରେ ଗ୍ରୁପ୍-ଏର ଏହି ମ୍ୟାଚ୍ ମଧ୍ୟାହ୍ନ ସମୟରେ ଆରମ୍ଭ ହେବ । ଗ୍ରୁପ୍-ଏର ଅନ୍ୟ ଏକ ମ୍ୟାଚ୍‌ରେ ଆଜି ସକାଳ ୮ଟାରେ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତ ରବିବାର ଦିନ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ-ୱେଷ୍ଟଇଣ୍ଡିଜ୍‌କୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା । ୱେଷ୍ଟଇଣ୍ଡିଜ୍‌କୁ ମାତ୍ର ୪୪ ରନ୍‌ରେ ଅଲ୍‌ଆଉଟ୍ କରିବା ପରେ ଭାରତ ୪ ଓଭର ୨ଟି ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

# ହକି ଲିଗ୍

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ସୁରମା ହକି କ୍ଲବ୍ ୨-୧ ଗୋଲ୍‌ରେ ଶ୍ରାଚି ରାର୍ ବେଙ୍ଗଲ୍ ଟାଇଗର୍ସ୍‌କୁ ପରାସ୍ତ କରିଛି । ତାମିଲ୍‌ନାଡୁ ଡ୍ରାଗନ୍ସ ପୁରୁଷ ହକିରେ ୧୫ ପଏଣ୍ଟ ପାଇ ଶୀର୍ଷରେ ଥିବା ବେଳେ ହାଇଦ୍ରାବାଦ୍ ତୁଫାନ୍ସ ୧୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

ସେହିପରି ମହିଳା ହକି ପର୍ଯ୍ୟାୟରେ ରାଞ୍ଚିର ମାରାଙ୍ଗ ଗୋମୋକେ ଜୟପାଲ୍ ସିଂହ ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୫-୧ ଗୋଲ୍ ଏସ୍.ଜି. ପାଇପର୍ସ୍‌କୁ ପରାସ୍ତ କରିଛି । ସେହି ବର୍ଗରେ ସୁରମା ହକି କ୍ଲବ୍ ୯ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ଓଡ଼ିଶା ୱାରିୟର୍ସ୍ ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

ଆଜି ମହିଳା ବର୍ଗରେ ସନ୍ଧ୍ୟା ୬ଟାରେ ସୁରମା ହକି କ୍ଲବ୍ ଏବଂ ଓଡ଼ିଶା ୱାରିୟର୍ସ୍ ଓ ପୁରୁଷ ବର୍ଗରେ ୟୁ.ପି. ରୁଦ୍ରାସ୍ ଓ ଟିମ୍ ଗୋନାସିକା ମଧ୍ୟରେ ରାତି ୮ଟା ୧୫ରେ ମ୍ୟାଚ୍ ଅନୁଷ୍ଠିତ ହେବ ।